# Visit of External Affairs Minister to Slovakia and the Czech Republic (June 02-06, 2022)

June 01, 2022

## ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ସ୍ଲୋଭାକିଆ ଏବଂ ଚେକ ଗଣରାଜ୍ୟ ଗସ୍ତ (02-06 ଜୁନ 2022)

**ଜୁନ 01, 2022**

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର 02-06 ଜୁନ 2022 ସ୍ଲୋଭାକିଆ ଏବଂ ଚେକ ଗଣରାଜ୍ୟ ଗସ୍ତ କରିବେ।

02-04 ଜୁନ 2022 ବ୍ରାଟିସଲାଭା ଗସ୍ତ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ସ୍ଲୋଭାକିଆର ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ଏଡୁଆର୍ଡ ହେଗରଙ୍କୁ ଭେଟିବେ ଏବଂ ସ୍ଲୋଭାକିଆର ବୈଦେଶିକ ଓ ୟୁରୋପୀୟ ବ୍ୟାପାର ମନ୍ତ୍ରୀ ମାନ୍ୟବର ଶ୍ରୀ ଇଭାନ କୋରକୋକଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା କରିବେ।

ସେ ଗ୍ଲୋବସେକ 2022 ଫୋରମରେ ମଧ୍ୟ ଯୋଗଦେବେ ଏବଂ 'ବନ୍ଧୁତାକୁ ପରବର୍ତ୍ତୀ ସ୍ତରକୁ ନେବା: ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ସହଯୋଗୀ' ଶୀର୍ଷକ ପ୍ରସଙ୍ଗ ଉପରେ କହିବେ।

ଗ୍ଲୋବସେକ 2022 ଫୋରମ ଅବସରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଅଷ୍ଟ୍ରିଆର ୟୁରୋପୀୟ ତଥା ଆନ୍ତର୍ଜାତିକ ବ୍ୟାପାର ମନ୍ତ୍ରୀ ମାନ୍ୟବର ଶ୍ରୀ ଆଲେକଜାଣ୍ଡାର୍ ଶ୍ଲାଲେନବର୍ଗଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି।

04-06 ଜୁନ ଚେକ ଗଣରାଜ୍ୟ ଗସ୍ତ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଚେକ ଗଣରାଜ୍ୟର ବୈଦେଶିକ ବ୍ୟାପାର ମନ୍ତ୍ରୀ ମାନ୍ୟବର ଶ୍ରୀ ଜାନ୍ ଲିପାଭସ୍କିଙ୍କ ସହ ଆଲୋଚନା କରିବେ। ଆମର ଦ୍ୱିପାକ୍ଷିକ ସହଯୋଗର ବିସ୍ତୃତ ସମୀକ୍ଷା ପାଇଁ ଏହି ଆଲୋଚନା ଏକ ସୁଯୋଗ ପ୍ରଦାନ କରିବ। ଚେକ ଗଣରାଜ୍ୟ 01 ଜୁଲାଇ 2022 ରୁ ୟୁରୋପୀୟ ସଂଘର ଅଧ୍ୟକ୍ଷତା ଗ୍ରହଣ କରିବ।

ଦୁଇ ଦେଶର ରାଜନୈତିକ ନେତୃବର୍ଗଙ୍କୁ ଭେଟିବା ବ୍ୟତୀତ ବୈଦେଶିକ ବ୍ୟାପାର ମନ୍ତ୍ରୀ ସ୍ଲୋଭାକିଆ ଏବଂ ଚେକ ଗଣରାଜ୍ୟରେ ଥିବା ଭାରତୀୟ ଛାତ୍ରଛାତ୍ରୀଙ୍କ ସମେତ ପ୍ରବାସୀ ଭାରତୀୟଙ୍କ ସହିତ ବାର୍ତ୍ତାଳାପ କରିବେ।

ଭାରତ ପାରମ୍ପରିକ ଭାବରେ ଉଭୟ ସ୍ଲୋଭାକିଆ ଏବଂ ଚେକ ଗଣରାଜ୍ୟ ସହିତ ଘନିଷ୍ଠ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବଜାୟ ରଖିଛି। ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କର ଗସ୍ତ ଏହି ଦୁଇ ମଧ୍ୟ ୟୁରୋପୀୟ ଦେଶ ସହିତ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଗତି ପ୍ରଦାନ କରିବ।

**ନୂଆଦିଲ୍ଲୀ**

**ଜୁନ 01, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.